## ସଂକ୍ଷେପରେ

### ମା' ମଙ୍ଗଳାଙ୍କ ପୀଠରେ ଚୈତ୍ର ପୂର୍ଣ୍ଣିମା



**ଢେଙ୍କାନାଳ ଅଫିସ୍, ୧୬।୪:** ଢେଙ୍କାନାଳ ପୌରାଞ୍ଚଳ ୪ନଂ. ୱାର୍ଡ ଗୁଡ଼ିଆନାଳୀ ଭାଗୀରଥି ସାଗର ନିକଟରେ ଥିବା ମା' ମଙ୍ଗଳାଙ୍କ ପୀଠରେ ଶନିବାର ଚୈତ୍ର ପୂର୍ଣ୍ଣିମା ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପାରମ୍ପରିକ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ବହୁସଂଖ୍ୟାରେ ମାନସିକଧାରୀ ଝାମୁ ନିଆଁରେ ଚାଲିଥିଲେ। ପାରମ୍ପରିକ ବାଦ୍ୟ, ଘଣ୍ଟଘଣ୍ଟା, ହୁଳହୁଳି ଶବ୍ଦରେ ପରିବେଶ ମୁଖରିତ ହୋଇ ଉଠିଥିବାବେଳେ ଝାମୁଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦୀର୍ଘବର୍ଷ ହେଲା ଚୈତ୍ର ପୂର୍ଣ୍ଣିମା ତିଥିରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି। ଠାକୁରାଣୀଙ୍କ ନିକଟରେ ମାନସିକ ରଖିଲେ ମନୋବାଞ୍ଛା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

### ଶତାୟୁ ସାମାଜିକ କର୍ମୀଙ୍କ ପରଲୋକ



**ଢେଙ୍କାନାଳ ଅଫିସ,୧୬।୪:** ଢେଙ୍କାନାଳ ସହର ଉପକଣ୍ଠ ଗୁଡିଆନାଳୀ ଅଞ୍ଚଳର ଜଣାଶୁଣା ସାମାଜିକ କର୍ମୀ ପାର୍ବତୀ ଆୟାରଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୨ ବର୍ଷ ହୋଇଥିଲା। ଅନ୍ତିମ ସମୟରେ ପରିବାର ସଦସ୍ୟ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସୂଚନା ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପାର୍ବତୀଙ୍କ ସ୍ୱାମୀ ପରମେଶ୍ୱର ଆୟାର ସିଡିଭିଓ ଭାବେ ଅବସରଗ୍ରହଣ କରିଥିଲେ। ୧୯୮୫ରେ ତାଙ୍କର ପରଲୋକ ଘଟିଥିଲା। ଏକଦା ବି.ବି. ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ଜଳଖିଆ ପ୍ରସ୍ତୁତ କରି ଆୟାର ଦମ୍ପତି ଚର୍ଚ୍ଚିତ ଚେହେରା ପାଲଟିଥିଲେ। ପାର୍ବତୀଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା।

# ମତୁଆଲା କଲା ଓଡ଼ିଶୀ ଛନ୍ଦ

- ରାସୋଳ ମହୋତ୍ସବରେ ଅସମ୍ଭାଳ ଭିଡ଼
- କରତାଳି ସାଉଁଟିଲା ଶିଳ୍ପୀକା ଡ୍ୟାନ୍ସ ଗ୍ରୁପ୍

**ରାସୋଳ, ୧୬।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ରାସୋଳ ବିକାଶ ପରିଷଦ ପକ୍ଷରୁ ଚାଲିଥିବା ରାସୋଳ ମହୋତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ପ୍ରଚଣ୍ଡ ଗୁଳୁଗୁଳି ସତ୍ତ୍ୱେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଲୋକାରଣ୍ୟ ହୋଇଉଠିଥିଲା ମହୋତ୍ସବ ପଡ଼ିଆ। ମ୍ୟାଜିକ୍ ଶୋ', ଆମନ୍ତ୍ରିତ କଳାକାରଙ୍କ ଓଡ଼ିଶୀ ନୃତ୍ୟ ସାଙ୍ଗକୁ ଆଞ୍ଚଳିକ କଳାକାରଙ୍କ ନୃତ୍ୟସଙ୍ଗୀତରେ ଝୁମି ଉଠିଥିଲେ ଦର୍ଶକ।

ତୃତୀୟ ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ଥିଲେ ଖ୍ୟାତନାମା ଯାଦୁକର ବିମଳ ବିଶ୍ୱାଳ। ସମାଜରୁ ଅନ୍ଧବିଶ୍ୱାସ ଦୂରୀକରଣ ଲାଗି ଅହରହ ଉଦ୍ୟମ ଚଳାଇଥିବା ଏହି ପ୍ରତିଷ୍ଠିତ ଯାଦୁକର ଏବଂ ସାଥୀ ପରିବେଷଣ କରିଥିଲେ ଚମକାଇଦେବା ଭଳି ମ୍ୟାଜିକ୍, ଯାହାକୁ ମନଭରି ଉପଭୋଗ କରିଥିଲେ ଦର୍ଶକ। ସେହିପରି ଅନ୍ୟତମ ଆକର୍ଷଣ ସାଜିଥିଲେ ଭୁବନେଶ୍ୱରରୁ ଆମନ୍ତ୍ରିତ ହୋଇ ଆସିଥିବା ଶିଳ୍ପୀକା ଡ୍ୟାନ୍ସ ଗ୍ରୁପ୍। ନୃତ୍ୟଶିଳ୍ପୀଙ୍କ ଓଡ଼ିଶୀ ଛନ୍ଦରେ ଅଭିଭୂତ ହୋଇପଡ଼ିଥିଲେ ଦର୍ଶକ। ସେହିପରି ସମ୍ବଲପୁରୀ ଏବଂ ଆଧୁନିକ ଡ୍ୟାନ୍ସ ମାଧ୍ୟମରେ ଆଞ୍ଚଳିକ କଳାକାରମାନେ ଦର୍ଶକଙ୍କ ଭରପୂର ମନୋରଞ୍ଜନ କରାଇଥିଲେ। ତେବେ ରାତି ପ୍ରାୟ ସାଢ଼େ ୮ଟା ବେଳକୁ କାଳବୈଶାଖୀ ପ୍ରଭାବରେ ଝଡ଼ତୋଫାନ ହେବାରୁ ଶେଷପର୍ଯ୍ୟାୟ ମନୋରଞ୍ଜନ କାର୍ଯ୍ୟକ୍ରମ ସାମାନ୍ୟ ପ୍ରଭାବିତ ହୋଇଥିଲା। କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ମୁଖ୍ୟବକ୍ତା ଭାବେ ଅନୁଗୋଳ କଲେଜର ପୂର୍ବତନ ଅଧ୍ୟକ୍ଷ ଶାନ୍ତନୁ ସର ମୁଖ୍ୟବକ୍ତା ଭାବେ ଯୋଗଦେଇ ଲୋକସଂସ୍କୃତି, ପରମ୍ପରା ବଞ୍ଚାଇ ରଖିବା ଲାଗି ରାସୋଳ ବିକାଶ ପରିଷଦର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଅଞ୍ଚଳର ୧୦ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ରହି କଳାକାରଙ୍କୁ ଉତ୍ସାହିତ କରାଇଥିଲେ। ରବିବାର ମହୋତ୍ସବର ଉଦ୍‌ଯାପନୀ ଦିବସ ରହିଛି। ମହୋତ୍ସବ କମିଟି ସଭାପତି ତଥା ପୂର୍ବତନ ବିଧାୟକ ମହେଶ୍ୱର ନାଏକ, ଭାସ୍କର ଚନ୍ଦ୍ର ନାୟକ, ପଠାଣି ନାୟକ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଥାନାଧିକାରୀ ବିଜୟ କୁମାର ହାଇବ୍ରୁଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ଗ୍ରାମୀଣ ମେଳାରେ ଜମୁଛି ବେପାର

ରାସୋଳ ମହୋତ୍ସବ ଉପଲକ୍ଷେ ପଡ଼ିଥିବା ଗ୍ରାମୀଣ ମେଳାରେ ବ୍ୟବସାୟ ଜମୁଛି। କୋଭିଡ୍ କଟକଣା ପାଇଁ ୨ବର୍ଷ ପରେ ମେଳା ଆୟୋଜନ ହେଉଥିବାରୁ ଗ୍ରାମୀଣ ବିପଣନୀ ସାମଗ୍ରୀ ଖରିଦ କରିବାକୁ ଅସମ୍ଭାଳ ଭିଡ଼ ହେଉଛି। ଚଳିତବର୍ଷ ଦୂରଦୂରାନ୍ତରୁ ୫୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ମେଳାକୁ ବ୍ୟବସାୟ କରିବାକୁ ଆସିଛନ୍ତି। ବାଉଁଶ ତିଆରି ସାମଗ୍ରୀଠାରୁ ଆରମ୍ଭ କରି ଘରକରଣା ସରଞ୍ଜାମ ସୁଲଭ ଦରରେ ମିଳୁଛି। ସେହିପରି ଦହିବରା ଆଳୁଦମ୍‌ଠାରୁ ଆରମ୍ଭ କରି ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ଷ୍ଟଲ୍ ଖୋଲିଛି। ପ୍ରଚଣ୍ଡ ଖରା ହେଉଥିବାରୁ ମେଳା ବୁଲିବାକୁ ଆସୁଥିବା ଦର୍ଶକମାନେ ଲସି, ମୃଦୁପାନୀୟର ମଜା ନେଉଛନ୍ତି। ମିନାବଜାରରେ ରାମଦୋଳି ସମେତ ଅନ୍ୟ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ହେଉଛି। ଆଞ୍ଚଳିକସ୍ତରରେ ବ୍ୟବସାୟକୁ ପ୍ରୋତ୍ସାହନ କରିବା ଲାଗି ଏଭଳି ମେଳା ସୁଯୋଗ ଆଣିଥିବା ବେଳେ ବ୍ୟବସାୟୀମାନେ ଭଲ ଦି' ପଇସା ରୋଜଗାର କରୁଛନ୍ତି।

## କମିନି ବାଉଁଶ ବିଞ୍ଚଣା ଆଦର

ଚଳିତବର୍ଷ ପ୍ରବଳ ଗରମ ହେଉଥିବାରୁ କ୍ରେଜ୍‌କୁ ଫେରିଛି ବାଉଁଶ ପାତିଆରେ ତିଆରି ବିଛଣା। ସ୍ଥାନୀୟ ଅଞ୍ଚଳର କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ଏଭଳି ବିଞ୍ଚଣା କିଣିବାକୁ ମେଳା ବୁଲିବାକୁ ଆସୁଥିବା ଲୋକଙ୍କ ମଧ୍ୟରେ ଆଗ୍ରହ ପରିଲକ୍ଷିତ ହୋଇଛି। ମେଳାକୁ ଆସିଥିବା ରଞ୍ଜାଗୋଳ ଅଞ୍ଚଳର ମହିଳା ବାଉଁଶ କାରିଗର ରୂପେଇ ନାଏକ କୁହନ୍ତି, ସେ ୧୫୦ ଖଣ୍ଡ ବାଉଁଶ ବିଞ୍ଚଣା ଆଣିଥିଲେ। ସେଥିରୁ ୧୦୦ରୁ ଊର୍ଦ୍ଧ୍ୱ ବିକ୍ରି ହୋଇସାରିଲାଣି। ଗୋଟିଏ ବିଞ୍ଚଣା ୫୦ରୁ ୬୦ ଟଙ୍କାରେ ବିକ୍ରି ହେଉଛି। ବିଞ୍ଚଣା ବ୍ୟତୀତ ବାଉଁଶ ତିଆରି ଝାମ୍ପି, ଟୋପି, କୁଲା କିଣିବାକୁ ଲୋକମାନେ ଆଗ୍ରହ ଦେଖାଉଛନ୍ତି। ଯୁଗ ଯେତେ ଆଧୁନିକ ହେଲେ ମଧ୍ୟ ହାତତିଆରି ପାରମ୍ପରିକ ସାମଗ୍ରୀର ଆଦର ଏବେ ବି କମି ନ ଥିବା ସେ କହିଛନ୍ତି।



ବାଉଁଶ କାରିଗର ରୂପେଇ ନାଏକଙ୍କ ନିକଟରୁ ଜଣେ ଗ୍ରାହକ ବିଞ୍ଚଣା କିଣି ନେଉଛନ୍ତି।

# ପାର୍କିଂସ୍ଥଳ ନିର୍ମାଣକୁ ବିରୋଧ



ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ପୋଲିସ ଏବଂ କମ୍ପାନୀ କର୍ମଚାରୀ ପହଞ୍ଚି ବୁଝାଶୁଝା କରୁଛନ୍ତି।

**ଢେଙ୍କାନାଳ ଅଫିସ,୧୬।୪**

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁନିର୍ମାଣାଧୀନ ପାର୍କିଂ ସ୍ଥଳକୁ ଶନିବାର ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ଜଙ୍ଗଲ ଜମିରେ ଉକ୍ତ ଯାନବାହନ ରହଣି ସ୍ଥଳ ନିର୍ମାଣ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି।

୫୫ନଂ. ଜାତୀୟ ରାଜପଥଠାରୁ ସରପା ପର୍ଯ୍ୟନ୍ତ ନିର୍ମିତ କଂକ୍ରିଟ ରାସ୍ତାର ତାଳବାହାଳ ଗ୍ରାମ ପୂର୍ବରୁ ଏକ ଜମିରେ କମ୍ପାନୀ ପକ୍ଷରୁ ଉକ୍ତ ବାଇକ୍ ପାର୍କିଂ ସ୍ଥଳ ନିର୍ମାଣ କରାଯାଉଛି। ସୂଚନା ପାଇ ନରେନ୍ଦ୍ରପୁର, ତାଳବାହାଳ, ବାଦିବାହାଳ ଅଞ୍ଚଳର ଶତାଧିକ ଗ୍ରାମବାସୀ ଏକାଠି ହୋଇ ଏହାର ବିରୋଧ କରିଥିଲେ। ଡାକ୍ତରଖାନା, ବିଦ୍ୟାଳୟ ବ୍ୟତୀତ ଅନ୍ୟ କୌଣସି କାମ ପାଇଁ କମ୍ପାନୀକୁ ଜଙ୍ଗଲ ଜମି ବ୍ୟବହାର କରିବାକୁ ଦିଆଯିବ ନାହିଁ ବୋଲି କହି ସେମାନେ ଅଡ଼ି ବସିଥିଲେ। ଉକ୍ତ ସ୍ଥାନରେ ୫୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ କରାଯିବା ପାଇଁ କମ୍ପାନୀ ପକ୍ଷରୁ ପ୍ରଥମେ ସୂଚନା ଦିଆଯାଇଥିଲା। ତେବେ ଏହାକୁ ଖିଲାପ କରି ସେଠାରେ ପାର୍କିଂ ଷ୍ଟାଣ୍ଡ ନିର୍ମାଣ ହେଉଥିବା ସେମାନେ ଅଭିଯୋଗ କରିଥିଲେ। ଉତ୍ତେଜନା ବଢ଼ିବାରୁ କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ ପୋଲିସ ପହଞ୍ଚି ଆଲୋଚନା କରିଥିଲେ। ମଙ୍ଗଳବାର ବୈଠକ ଡକାଯାଇ ଏ ବିଷୟରେ ବିସ୍ତୃତ ସମୀକ୍ଷା କରାଯିବାକୁ ନିଷ୍ପତ୍ତି ହୋଇଛି।

ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, କାରଖାନା, କର୍ମଚାରୀ ଏବଂ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳବାସୀଙ୍କ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ଲାଗି ଟାଟାଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉଛି। ଦୁଇଚକିଆ ଯାନ ପାଇଁ ପାର୍କିଂ ସ୍ଥାନ ବିକଶିତ କରିବା ହେଉଛି ଏ ଦିଗରେ ନିଆଯାଇଥିବା ଅନ୍ୟତମ ପ୍ରମୁଖ ପଦକ୍ଷେପ। ଓଡ଼ାପଡ଼ା ତହସିଲର ନରେନ୍ଦ୍ରପୁର ଗ୍ରାମ ନିକଟ କମ୍ପାନୀ ଜମିରେ ଏହି ପାର୍କିଂ ସ୍ଥାନ ବିକଶିତ କରାଯାଉଛି ବୋଲି ଏଥିରେ ସ୍ପଷ୍ଟୀକରଣ ଦିଆଯାଇଛି।

## ଚମକିଲେ ଇ-ଟେକ୍ ଛାତ୍ରୀଛାତ୍ର



ମଳୟ ମଞ୍ଜରୀ ବେହେରା।



ରୋଜାଲିନ ବେହେରା।

### ଗୌରବ ବଢ଼ାଇଲେ ରୋଜାଲିନ, ମଳୟ ମଞ୍ଜରୀ

**ଢେଙ୍କାନାଳ ଅଫିସ,୧୬।୪**

ଢେଙ୍କାନାଳ ଇ-ଟେକ୍ ଯୁକ୍ତ ୩ ମହାବିଦ୍ୟାଳୟରେ ମେଧାବୀ ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ପରୀକ୍ଷା ଦେଇଥିବା ପ୍ରଥମ ବ୍ୟାଚର ଉଦ୍ଭିଦ ବିଜ୍ଞାନ (ସମ୍ମାନ) ଛାତ୍ରୀ ରୋଜାଲିନ୍ ବେହେରା ବିଶ୍ୱବିଦ୍ୟାଳୟସ୍ତରରେ ୭ମ ସ୍ଥାନ ଏବଂ ରସାୟନ ବିଜ୍ଞାନ (ସମ୍ମାନ) ଛାତ୍ରୀ ମଳୟ ମଞ୍ଜରୀ ବେହେରା ୯ମ ସ୍ଥାନ ହାସଲ କରିଛନ୍ତି। ସେହିପରି ପଦାର୍ଥ ବିଜ୍ଞାନ ସ୍ନାତକ ଶିକ୍ଷା ସମାପନ କରିଥିବା ସୁଶୀଲ ପଣ୍ଡା, ଦିବ୍ୟରଞ୍ଜନ ପୃଷ୍ଟି ଯଥାକ୍ରମେ ଭାରତୀୟ ନୌସେନା ଓ ବାୟୁସେନାରେ ସାମିଲ ହୋଇଛନ୍ତି। ଗଣିତ ବିଭାଗ ସମ୍ମାନ ଡିଗ୍ରୀରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଆର. କୌଶିକ ଯଶସ୍ୱୀ ୱିପ୍ରୋ ଏବଂ ସନ୍ଦୀପ ଶତପଥୀ ଆସେଞ୍ଚରର ବାଙ୍ଗାଲୋର ଦ୍ୱାରା ମନୋନୀତ ହୋଇଛନ୍ତି। ସେହିପରି ରସାୟନ ବିଭାଗ ସମ୍ମାନ ବିଭାଗର ବିଭୁ ପ୍ରସାଦ ବେହେରା, ସୁଶ୍ରୀ ଶୁଭଲକ୍ଷ୍ମୀ ସାହୁ ଆଇଆଇଟି ପ୍ରବେଶିକା ପରୀକ୍ଷା ଜେଏଏମ୍‌ରେ ଉତ୍ତୀର୍ଣ୍ଣ ହୋଇ ଉଚ୍ଚତର ଶିକ୍ଷା ପାଇଁ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ଅଭିଯୁକ୍ତଙ୍କୁ ଗିରଫ ଦାବି



୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିବା ଆନ୍ଦୋଳନକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି।

### ଯୁବକଙ୍କୁ ଆକ୍ରମଣ ମାମଲା

**ଢେଙ୍କାନାଳ ଅଫିସ,୧୬।୪**

ଢେଙ୍କାନାଳ ସହର ୯ନଂ. ୱାର୍ଡ ଅଞ୍ଚଳର ହରିଶ ଚନ୍ଦ୍ର ପ୍ରଧାନଙ୍କ ଉପରେ ୩ଦିନ ତଳେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ ସ୍ଥାନୀୟ ଦୁଇଜଣ ଯୁବକଙ୍କ ସମ୍ପୃକ୍ତି ରହିଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ଟାଉନ ଥାନାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ଏହାର ପ୍ରତିବାଦରେ ଶନିବାର ଅଞ୍ଚଳବାସୀ କଣ୍ଟାନାଳୀ ବାଇପାସ୍ ଛକରେ ୫୫ନଂ. ଜାତୀୟ ରାଜପଥ ଅବରୋଧ କରି ପ୍ରତିବାଦ କରିଥିଲେ। ପୋଲିସ ଜାଣିଶୁଣି ଅଭିଯୁକ୍ତଙ୍କୁ ଧରୁନାହିଁ। ମାମଲାକୁ ଚପାଇ ଦେବାକୁ ଉଦ୍ୟମ କରୁଛି। ଉତ୍ତର ଲୋଡ଼ିଲେ ଓଲଟି ଅଭିଯୁକ୍ତଙ୍କୁ ଧରିଆଣି ଦେବା ପାଇଁ କହୁଥିବା ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ। ରାସ୍ତା ଅବରୋଧ ଯୋଗୁ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ସୂଚନା ପାଇ ସଦର ଏସ୍‌ଡିପିଓ ବିକାଶ ବେଉରା, ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ପହଞ୍ଚି ବୁଝାଶୁଝା କରିଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଏସ୍‌ଡିପିଓ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହେବା ସହ ରାସ୍ତାରୋକୋ ହଟିଥିଲା।

# 'କବିଭୂଷଣଙ୍କ ସାହିତ୍ୟକୃତି କାଳଜୟୀ'

**ଢେଙ୍କାନାଳ ଅଫିସ, ୧୬।୪**

କବିଭୂଷଣ ରାଜକିଶୋର ପଟ୍ଟନାୟକ ଥିଲେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ। ଶିକ୍ଷା, ସାହିତ୍ୟ କ୍ଷେତ୍ରରେ ତାଙ୍କର ସୃଷ୍ଟି କାଳଜୟୀ। ଏହା ପିଢ଼ି ପରେ ପିଢ଼ି ଯୁବସମାଜକୁ ଦିଗ୍‌ଦର୍ଶନ ଦେବ ବୋଲି ଶୁକ୍ରବାର ଢେଙ୍କାନାଳରେ ଅନୁଷ୍ଠିତ କବିଙ୍କ ୧୧୯ତମ ଜୟନ୍ତୀ ସମାରୋହରେ ମତପ୍ରକାଶ ପାଇଛି।

ସ୍ଥାନୀୟ କବି କୁଟୀରରେ ଆୟୋଜିତ ସାନ୍ଧ୍ୟ ଅଧିବେଶନରେ କବିଭୂଷଣ ସ୍ମୃତି ସଂସଦ ସଭାପତି ମନୋରଞ୍ଜନ ନନ୍ଦ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ଯୋଗଦେଇ ଦିବଂଗତ କବିଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଲେଖକ ସଂସଦ ସମ୍ପାଦକ ବସନ୍ତ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ପଣ୍ଡିତ ବିନୋଦ ବିହାରୀ ନାୟକ ଯୋଗଦେଇ କବିଙ୍କ ଜୀବନାଦର୍ଶ ଉପରେ ମତ ରଖିଥିଲେ।

ଏହି ଅବସରରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କୁ କବି ବ୍ରଜନାଥ ବଡ଼ଜେନା ସମ୍ମାନ, କବୟିତ୍ରୀ ଆଶାରାଣୀ ପଣ୍ଡାଙ୍କୁ କବିଭୂଷଣ ସମ୍ମାନ ଏବଂ କବି ଅକ୍ଷୟ କୁମାର ପଟ୍ଟନାୟକଙ୍କୁ ଶ୍ରୀରଙ୍ଗରାଜ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଖୋର୍ଦ୍ଧା ଜିଲା ମୁକୁନ୍ଦପ୍ରସାଦ ଅଞ୍ଚଳ କବୟିତ୍ରୀ ଶାନ୍ତିଲତା ପଟ୍ଟନାୟକଙ୍କ 'ଶ୍ରୀରାମାୟଣ ସଂକୀର୍ତ୍ତନ', ଅନୁଗୋଳର କବି ଅସିତ୍ କୁମାର ପଟ୍ଟନାୟକଙ୍କ 'କବିଭୂଷଣ ପ୍ରବନ୍ଧମାଳା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାପରେ ସ୍ୱରଚିତ କବିତା ପାଠ ହୋଇଥିଲା। ପ୍ରାରମ୍ଭରେ ବିପିନ ବିହାରୀ ଶତପଥୀ ବେଦମନ୍ତ୍ର ଉଚ୍ଚାରଣ କରିଥିବାବେଳେ ବିରଞ୍ଚି ପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଞ୍ଜୁ ଅଶ୍ୱିନ୍ ସ୍ୱାଗତ ଭାଷଣ, ସଂସଦର ସମ୍ପାଦକ ଶିଳ୍ପୀ ପରେଶ ପଟ୍ଟନାୟକ ବିବରଣୀ ପାଠ କରିଥିଲେ।

ସକାଳେ ସ୍ଥାନୀୟ କବି କୁଟୀରଠାରେ କବିଭୂଷଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଂସଦର ସଭାପତି କବି ମନୋରଞ୍ଜନ ନନ୍ଦ, ସନ୍ଧ୍ୟାତାରା ସାହିତ୍ୟ ସଂସଦ ସମ୍ପାଦକ ଶରତ ମିଶ୍ର, ଜିଲା ଲେଖକ ସଂସଦ ସମ୍ପାଦକ ବସନ୍ତ ପଟ୍ଟନାୟକ, ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର ସାହୁ, ସୁମିତାରାୟ ପଟ୍ଟନାୟକ, ପି. ପରମଜିତ୍, ବିଭୁତି ଭୂଷଣ ପଟ୍ଟନାୟକ, ଦେବୀପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନ ସାଢ଼େ ୪ଟାରେ ଲେଖକ ସଂସଦ ଭବନଠାରେ ପ୍ରମୋଦ ନାୟକଙ୍କ ଅଧ୍ୟକ୍ଷତାରେ କାଦମ୍ବରୀ ମହାକୁଡ଼, ମିନତୀ ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### କବି ରାଜକିଶୋରଙ୍କ ୧୦୯ ତମ ଜୟନ୍ତୀ ସମାରୋହ

- ରଞ୍ଜନ ଦାସଙ୍କୁ ବ୍ରଜନାଥ ବଡ଼ଜେନା, ଆଶାରାଣୀ ପଣ୍ଡାଙ୍କୁ କବିଭୂଷଣ, ଅକ୍ଷୟ ପଟ୍ଟନାୟକଙ୍କୁ ଶ୍ରୀରଙ୍ଗରାଜ ସମ୍ମାନ

## ସଂକ୍ଷେପରେ

### ୫ ଟନ୍ ଚୋରା କୋଇଲା ଜବତ



ଛେଣ୍ଡିପଦା, ୧୬।୪(ସ୍ୱ.ପ୍ର): ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କଇଁଛପଦା ଗ୍ରାମ ନିକଟରେ ପୋଲିସ ଚଢ଼ାଉ କରି ଏକ ଟ୍ରକ୍‌ରୁ ୫ ଟନ୍ ଚୋରା କୋଇଲା ଜବତ କରିଛି। ତେବେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକ୍ (ନଂ. ଓଡି ୦୯ ଏମ୍ ୮୮୫୨) କମ୍ପସଲାରୁ କଇଁଛପଦା ଦେଇ ବୁଢ଼ାପାଳ ଅଭିମୁଖେ ଯାଉଥିଲା। ଉକ୍ତ କୋଇଲା ଚୋରା ଚାଲାଣ ହେଉଥିବା ସୂଚନା ପାଇ ଛେଣ୍ଡିପଦା ପୋଲିସ ଚଢ଼ାଉ କରିଥିଲା। ପୋଲିସ ଉକ୍ତ ଟ୍ରକ୍ ଜବତ କରି ଛେଣ୍ଡିପଦା ଥାନାକୁ ଆଣିଛି। ଏ ନେଇ କେସ ନଂ.୧୭୦/୨୨ରେ ଏକ ମାମଲା ରୁଜୁ ହୋଇଛି।

### ୧୮ରେ ଓଡ଼ିଶୀ ସଂକୀର୍ତ୍ତନ ସମାରୋହ

କଣିହାଁ, ୧୬।୪(ଡି.ଏନ୍.ଏ.):କଣିହାଁ ବ୍ଲକ ଟାକୁଆ ଗ୍ରାମରେ ଆସନ୍ତା ୧୮ ତାରିଖରେ ଓଡ଼ିଶୀ ସଂକୀର୍ତ୍ତନ ସମାରୋହ ଅନୁଷ୍ଠିତ ହେବ। କଣିହାଁ ମଣ୍ଡଳ ଶ୍ରୀଜଗନ୍ନାଥ ଓଡିଶୀ ସଂକୀର୍ତ୍ତନ କଳାପରିଷଦ ଏବଂ ଟାକୁଆ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ପଶ୍ଚିମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ ତଥା ଟିକିରା ନଦୀକୂଳରେ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ନାମସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିବେ। ଏଥିସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିବେ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି।

### ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ

ବଇଣ୍ଡା, ୧୬।୪(ଡି.ଏନ.ଏ.)- କିଶୋରନଗର ବ୍ଲକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ହରିବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ସଭାପତି ଭାବେ ଗୋପାଳ ବେହେରା, ଉପସଭାପତି ସୁଜିତ ପ୍ରଧାନ, ସମ୍ପାଦକ ସାରଙ୍ଗଧର ସାହୁ, ସହସମ୍ପାଦକ ପ୍ରଦୀପ କଅଁର, କୋଷାଧ୍ୟକ୍ଷ ଭାବେ ସନକ ନାୟକଙ୍କୁ ମନୋନୀତ କରାଯାଇଛି। ସଂଘର ବହୁ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

### ବାଇକ୍ ଧକ୍କାରେ ଛେଳି ମୃତ, ୯ ହଜାର କ୍ଷତିପୂରଣ ଦେବେ ଗ୍ରାମରକ୍ଷୀ

ଛେଣ୍ଡିପଦା,୧୬।୪(ସ୍ୱ.ପ୍ର)-ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅନ୍ତର୍ଗତ ପାତ୍ରପଡ଼ା ଗ୍ରାମ ନିକଟରେ ଗ୍ରାମରକ୍ଷୀଙ୍କ ବାଇକ୍ ଧକ୍କାରେ ଗୋଟିଏ ଛେଳିର ମୃତ୍ୟୁ ଘଟିଛି। ଗ୍ରାମରକ୍ଷୀ ସାପୋଇନାଳି ଖଜୁରିଆମୁଣ୍ଡା ଗ୍ରାମର ବାଲୁଙ୍କେଶ୍ୱର ନାଏକ ଆହତ ହୋଇଛନ୍ତି। ସାପୋଇନାଳି ଗ୍ରାମର ଗ୍ରାମରକ୍ଷୀ ବାଲୁଙ୍କେଶ୍ୱର ପାତ୍ରପଡାସ୍ଥିତ ବାୟାଣି ଠାକୁରାଣୀଙ୍କ ପୀଠରୁ ବାଇକ୍‌ରେ ଘରକୁ ଫେରୁଥିଲେ। ପାତ୍ରପଡ଼ା ଗ୍ରାମ ନିକଟରେ ଏକ ଛେଳି ତାଙ୍କ ମୋଟରସାଇକେଲ ସମ୍ମୁଖକୁ ପଳାଇ ଆସିଥିଲା। ବାଇକ୍ ଧକ୍କାରେ ଛେଳିଟିର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ବାବଦକୁ ୯ ହଜାର ଟଙ୍କା ଦେବା ପାଇଁ ଗ୍ରାମରକ୍ଷୀ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ପୁରୁଣା ପିଚୁ ଉପରେ ନୂଆ ଢଳେଇ

- ଆଠମଲ୍ଲିକ-ଦରୁହା ରାସ୍ତା କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ
- ୩ ମାସ ହେଲା ସରିଲାଣି ଚୁକ୍ତି ଅବଧି, ୪୦% କାମ ସରିଛି
- ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ୪ ପଞ୍ଚାୟତର ବାସିନ୍ଦା

ବଇଣ୍ଡା, ୧୬।୪(ଡି.ଏନ୍.ଏ.)



ରାସ୍ତା କାମରେ ଦୁର୍ନୀତି ଅଭିଯୋଗ ଆଣିଥିବା ଗ୍ରାମବାସୀ।

ଚୁକ୍ତି ଅବଧି ସରିଲାଣି। ହେଲେ କାମ ସରୁନି। ଯେତିକି କାମ ହୋଇଛି, ତାହା ବି ଅତି ନିମ୍ନମାନର। ପୁରୁଣା ପିଚୁ ରାସ୍ତାକୁ ନ ଭାଙ୍ଗି ତା' ଉପରେ ପୁଣିଥରେ ଢଳେଇ କରାଯାଉଛି। ଅନୁଗୋଳ ଜିଲା ଆଠମଲ୍ଲିକଠାରୁ ଦରୁହା ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତା କାମକୁ ନେଇ ଏଭଳି ପୁଳା ପୁଳା ଅଭିଯୋଗ ଉଠିଛି। ଏ ନେଇ ୪ ପଞ୍ଚାୟତର ବାସିନ୍ଦା ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏହାର ନକଲ ୫-ଟି ସଚିବ, ପୂର୍ତ୍ତ ମନ୍ତ୍ରୀ, ସମ୍ବଲପୁର ଏମ୍‌ପି, ପୂର୍ତ୍ତ ସଚିବ, ଅନୁଗୋଳ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକର ନୂଆଗାଁ, ଅଏଡ଼ା, ଲୁହାସିଂହା, ଜାମୁଡୁଳି ପଞ୍ଚାୟତବାସୀଙ୍କ ଜୀବନରେଖା ହେଉଛି ଆଠମଲ୍ଲିକ-ଦରୁହା ପୂର୍ତ୍ତ ବିଭାଗ ରାସ୍ତା। ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଥିବା ୧୭ କିଲୋମିଟର ଦୀର୍ଘ ଉକ୍ତ ରାସ୍ତାର ଉନ୍ନତୀକରଣ ନାବାର୍ଡ ସହାୟତାରେ ଠିକାସଂସ୍ଥା ମାଧ୍ୟମରେ କରାଯାଉଛି। ଏଥିଲାଗି ଅଟକଳ ରହିଛି ୧୬.୫୪ କୋଟି ଟଙ୍କା। ଏହି ପିଚୁ ସଡ଼କ କାମ ୨୦୨୦ ନଭେମ୍ବର ୨ରେ ଆରମ୍ଭ ହୋଇଥିବାବେଳେ ୨୦୨୨ ଜାନୁଆରୀ ୧ ସୁଦ୍ଧା କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବା ଲାଗି ଠିକାସଂସ୍ଥା ଚୁକ୍ତି କରିଥିଲା। ତେବେ ଅବଧି ପୂରଣ ହୋଇ ୩ ମାସ ବିତିଯାଇଥିବାବେଳେ ମାତ୍ର ୪୦% କାମ ସରିଛି। ଅପରପକ୍ଷେ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି।

ନିୟମ ଅନୁଯାୟୀ ନୂତନ ପିଚୁ ଢଳେଇ ପୂର୍ବରୁ ପୁରୁଣା ପିଚୁ ବାହାର କରାଯିବା କଥା। ହେଲେ ପୁରୁଣା ରାସ୍ତାର ମେଟାଲ ବାହାର ନ କରି ତାହାରି ଉପରେ ପୁଣି ରାସ୍ତା ନିର୍ମାଣ କରାଯାଉଛି। ଫଳରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ରାସ୍ତା ନିର୍ମାଣ ସମୟରେ ଠିକ୍ ଭାବେ ପାଣି ସିଞ୍ଚନ କରାଯାଉନାହିଁ। ଆବଶ୍ୟକତା ଅନୁଯାୟୀ ରୋଲିଂ କିମ୍ବା ଭାଇବ୍ରେଟିଂ ମଧ୍ୟ ହେଉନାହିଁ। କେଉଁଠି ଦେଢ଼ ଇଞ୍ଚ ତ ଅନ୍ୟ କେଉଁଠି ଦୁଇ ଇଞ୍ଚର ମେଟାଲ ବିଛାଯାଇଛି। ମୋରମ ବିଛାଇବା ସମୟରେ ବଡ଼ ମେଟାଲ ଗୁଡ଼ିକ ଉପରକୁ ଉଠି ରହି ଦୁର୍ଘଟଣାର କାରଣ ସାଜୁଛି। ରାସ୍ତାର ଉଭୟ ପାର୍ଶ୍ୱରେ ମୋରମ କିମ୍ବା କ୍ରଶର ଗୁଣ୍ଡ ପକାଇବା ପରିବର୍ତ୍ତେ ଅଳ୍ପ ଖୋଳି ପୁରୁଣା ପିଚୁ ଖଣ୍ଡ ଫିଲିଂ କରାଯାଉଛି। କାମ ବେଳେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନ ଥିବାରୁ ଠିକାସଂସ୍ଥା ମନଇଚ୍ଛା ନିମ୍ନମାନର କାର୍ଯ୍ୟ କରୁଥିବା କୁଟେଶ୍ୱର ଗ୍ରାମର କପିଳ ଦେହୁରୀ, ଚପେଶ୍ୱର ପ୍ରଧାନ, ବାହାଲି ଗ୍ରାମର ଶରତ ଚନ୍ଦ୍ର କର୍ଣ୍ଣ, ବସନ୍ତ ପ୍ରଧାନ, ନଅଗାଁ ଗ୍ରାମର ବ୍ରଜମୋହନ ବେହେରା, ରବିନାରାୟଣ ମହାନ୍ତି, ପତାକା ଗ୍ରାମର ଜୟ ସିଂ, ଶତ୍ରୁଘ୍ନ ସାହୁ, ଲୁହାସିଂହା ଗ୍ରାମର ସଞ୍ଜୟ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ରାସ୍ତା କାମରେ ବ୍ୟାପକ ଦୁର୍ନୀତି ହୋଇଛି। ତେଣୁ ତୁରନ୍ତ ଏହାର ଭିଜିଲାନ୍ସ ତଦନ୍ତ କରାଇ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

ଅପରପକ୍ଷେ ପଞ୍ଚାୟତବାସୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ବଇଣ୍ଡା ପୂର୍ତ୍ତ ବିଭାଗ ଏସ୍‌ଡିଓ ଫକୀର ମୋହନ ସାହୁ। ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି, ରାସ୍ତା କାର୍ଯ୍ୟ ଠିକ୍ ଭାବେ ହେଉଛି। କୌଣସି ନିମ୍ନମାନର କାର୍ଯ୍ୟ ହେଉନାହିଁ।

### ନିଖୋଜ ବୃଦ୍ଧାଙ୍କ ମୃତଦେହ ଜବତ

ଛେଣ୍ଡିପଦା, ୧୬।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅନ୍ତର୍ଗତ କୋଶଳା ଗ୍ରାମ ଚନ୍ଦନନଗରର ବୃଦ୍ଧା ଝଟକ ସାହୁଙ୍କ ଗଳିତ ମୃତଦେହ ନିଖୋଜ ହେବାର ୧୨ ଦିନ ପରେ ଶନିବାର କୋଶଳା ଜଙ୍ଗଲରୁ ଜବତ କରାଯାଇଛି। ଗତ ଏପ୍ରିଲ ୪ରୁ ସେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏ ନେଇ ପୁତ୍ର କପିଳ ସାହୁ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କୋଶଳା ଜଙ୍ଗଲ ତାରିଣୀ ମନ୍ଦିର ପଛପାଖରେ ଝଟକଙ୍କ ଗଳିତ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିବା ସହିତ ପୋଲିସକୁ ଅବଗତ କରାଇଥିଲେ। ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଝଟକଙ୍କ ମୃତ୍ୟୁକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣାଦିନ ସେ କେଉଁଆଡ଼େ ଯାଇଥିଲେ, ତାଙ୍କର ମୃତ୍ୟୁ କେମିତି ହେଲା ତାହା ଅଦ୍ୟାବଧି ଅସ୍ପଷ୍ଟ ରହିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହାର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି



ଦୁର୍ଗାପୁର ଗ୍ରାମରେ ଭାଜପା ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ।

ଅନୁଗୋଳ ଅଫିସ/ଛେଣ୍ଡିପଦା, ୧୬।୪(ସ୍ୱ.ପ୍ର)

- ସାଗର ପ୍ରଧାନଙ୍କ ହତ୍ୟାକାଣ୍ଡ ମାମଲା
- ମୃତକଙ୍କ ପରିବାରକୁ ଭେଟିଲା ଭାଜପା ପ୍ରତିନିଧି ଦଳ

ଅନୁଗୋଳ ଜିଲା ଜରପଡ଼ା ଥାନା ଦୁର୍ଗାପୁର ଗ୍ରାମର ଭାଜପା କର୍ମୀ ସାଗର ପ୍ରଧାନ ହତ୍ୟାକାଣ୍ଡ ଘଟଣାରେ ଶନିବାର ଦଳର ଏକ ପ୍ରତିନିଧିମଣ୍ଡଳୀ ମୃତକଙ୍କ ପରିବାକୁ ଭେଟିଛନ୍ତି। ସେମାନେ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରିଛନ୍ତି।

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୋଲିସର ନିଦ ଭାଙ୍ଗୁନାହିଁ। ଅନେକ ମାମଲାରେ ପୋଲିସ ଜାଣିଶୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଶାସକ ଦଳର ଇଙ୍ଗିତରେ ଭାଜପା କର୍ମୀଙ୍କୁ ଆକ୍ରମଣ କରାଯାଉଥିବା ଭାଜପା ନେତାମାନେ ଅଭିଯୋଗ କରିଛନ୍ତି। ଭାଜପା ଜିଲା ସଭାପତି ଦିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଉକ୍ତ ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲ, ଅଗସ୍ତି ବେହେରା, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ଉପସଭାପତି ଚୌଧୁରୀ ପ୍ରଧାନ, ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ସମ୍ପାଦକ ସୋମନାଥ ରାଉତ, କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଜିଲା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ବରିଷ୍ଠ ଭାଜପା ନେତା ଦିଲୀପ ପ୍ରଧାନ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପରେ ସେମାନେ ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜରପଡ଼ା ଥାନାର ଅଧିକାରୀ ଏବଂ ଅନୁଗୋଳରେ ଏସ୍‌ପିଙ୍କୁ ଭେଟି ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।

ଅନ୍ୟପଟେ ସାଗର ହତ୍ୟାକାଣ୍ଡ ଏବଂ ରାଜ୍ୟରେ ବିଗୁଡ଼ିଥିବା ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ୍ଷୋଭ ବ୍ୟକ୍ତ କରିଛନ୍ତି। ଏଭଳି ଘଟଣାରେ ସେ ମର୍ମାହତ ବୋଲି ଟୁଇଟ୍ କରିଛନ୍ତି। ରାଜନୈତିକ ହିଂସାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ସେ ଉଲ୍ଲେଖ କରିଛନ୍ତି।

### ଅବସରପ୍ରାପ୍ତ ମେଜରଙ୍କ ପରଲୋକ

ଅନୁଗୋଳ ଅଫିସ, ୧୬।୪

ଚାଇନା, ପାକିସ୍ତାନ ସହିତ ହୋଇଥିବା ଯୁଦ୍ଧରେ ଯୋଗଦେଇ ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଥିବା ଅନୁଗୋଳ ଶିକ୍ଷକପଡ଼ା ଅଞ୍ଚଳର ଅବସରପ୍ରାପ୍ତ ମେଜର ଜେ.ସି ବେହେରାଙ୍କ ଗତ ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗର ଶିକାର ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଶିଖ୍ ରେଜିମେଣ୍ଟର ଆର୍ଟିଲେରି ଡିଭିଜନରେ କାର୍ଯ୍ୟ କରି ୧୯୮୧ରେ ଅବସରଗ୍ରହଣ କରିଥିବା ମେଜର ବେହେରା ଅଞ୍ଚଳର ବିକାଶ ସହିତ ଜଡ଼ିତ ଥିଲେ। ମାନସ ରଞ୍ଜନ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଦସ୍ୟ, ଏକ୍ସ-ଆର୍ମି କ୍ୟାଣ୍ଟିନ୍ ସଭାପତି ଏବଂ ଅନୁଗୋଳ ପୁସ୍ତକ ମେଳା କମିଟି ସହ ତାଙ୍କର ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିଲା। ଜଣେ ସାହସୀ ଏବଂ ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ସେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ବ୍ୟକ୍ତ କରାଯାଇଛି।

# ସୁରକ୍ଷିତ ରଖିବ ଆତ୍ମରକ୍ଷା କୌଶଳ




ଶିବିରରେ ଯୋଗଦେଇଥିବା ଅତିଥିମାନେ।

ବଇଣ୍ଡା, ୧୬।୪(ଡି.ଏନ୍.ଏ.)

କିଶୋରନଗର ବ୍ଲକ ଅଙ୍ଗପଡ଼ାସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟାପିକା କ୍ରିଷ୍ଣାରାଣୀ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ବଳରାମ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଆଶୁତୋଷ ମିଶ୍ର, ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ବିଜୟ ଗଡନାୟକ, ଜ୍ଞାନେନ୍ଦ୍ର ବିଶ୍ୱାଳ, ବିବୁଧେନ୍ଦ୍ର ସାହୁ ଯୋଗଦେଇଥିଲେ। ବିପଦ ସମୟରେ ଆତ୍ମରକ୍ଷା କୌଶଳ ଧନଜୀବନକୁ ସୁରକ୍ଷିତ ରଖିବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରିୟଦର୍ଶିନୀ ପ୍ରଧାନ ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଉଛନ୍ତି।

# ୩ ଜଙ୍ଗଲୀ ବିରାଡ଼ି ଚମଡ଼ା ଜବତ: ଜଣେ ଗିରଫ

ବିଶୋଇ,୧୬।୪ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ମଣଦା ବନାଞ୍ଚଳ ଅଧୀନରେ ଶନିବାର ୩ ଜଙ୍ଗଲୀ ବିରାଡ଼ି ଚମଡା ଜବତ କରାଯାଇଥିବା ବେଳେ ଏହି ଘଟଣାରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ମଣଦା ପଞ୍ଚାୟତ ରାଧାନଗର ଗ୍ରାମର କୁଶା ବିରୁଆ(୫୫)। ସୂଚନାଥାଉକି, କୁଶା ନିଜ ଘରର ବାଡ଼ିରେ ଏହି ୩ ଗୋଟି ଜଙ୍ଗଲ ବିରାଡ଼ିର ଚମଡା ଶୁଖାଇ ରଖିଥିଲେ। ବନବିଭାଗ କୌଣସି ସୂତ୍ରରୁ ଖବରପାଇ ସକାଳ ସମୟରେ ମଣଦା ବନାଞ୍ଚଳ ଅଧିକାରୀ ଧରିତ୍ରୀ ମୁର୍ମୁଙ୍କ ନେତୃତ୍ୱରେ ବନପାଳ ସୁଶାନ୍ତ ପାତ୍ର, ବନରକ୍ଷୀ ହିମାଂଶୁ ସେଠି, ବନରକ୍ଷୀ ସୁନୀଲ ମହାନ୍ତ, ବନରକ୍ଷୀ ଚକ୍ରଧର ମହାନ୍ତ ପ୍ରମୁଖ ପହଞ୍ଚି ଅଭିଯୁକ୍ତ କୁଶାଙ୍କୁ ଗିରଫ କରିଥିଲେ। ଜବତ ୩ ଗୋଟି ଚମଡ଼ାର ଲମ୍ବ ଓ ଓସାର ଯଥାକ୍ରମେ ୨୨/୪ ଇଞ୍ଚ, ୨୬/୪ ଇଞ୍ଚ ଓ ୨୨/୫ ଇଞ୍ଚ। ଏହି ଚମଡାର ଆନୁମାନିକ ମୂଲ୍ୟ ୩୦ରୁ ୪୦ ହଜାର ହେବ। ଏହି ଘଟଣାକୁ ନେଇ ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ତ୍ୱରିତ ପଦକ୍ଷେପ ନେବାକୁ ଦାବି



ବୈଠକରେ ଉପସ୍ଥିତ ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବ୍ୟବସାୟୀମାନେ।

ଢେଙ୍କାନାଳ ଅଫିସ, ୧୬।୪

**ଜାତୀୟ ରାଜପଥ ସମ୍ପ୍ରସାରଣରେ ଅହେତୁକ ବିଳମ୍ବ**

ଅବଧି ଶେଷ ସତ୍ତ୍ୱେ ଢେଙ୍କାନାଳ ଜିଲା ଦେଇଯାଇଥିବା ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ। ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଶନିବାର ଜିଲା ଓକିଲ ସଂଘ ସଭାଗୃହରେ ସାମ୍ବାଦିକ ସଂଘ, ବଣିକ ସଂଘର ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ମିଳିତ ବୈଠକରେ ଏ ଦିଗରେ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରାଯାଇଛି।

ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ, ସମ୍ପୃକ୍ତ ଠିକାସଂସ୍ଥା, ଓକିଲ ସଂଘ, ସାମ୍ବାଦିକ ସଂଘ ଏବଂ ବଣିକ ସଂଘ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଆଲୋଚନା କରିବା ପାଇଁ ଦିନଧାର୍ଯ୍ୟ, ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏ ସମ୍ପର୍କିତ ସମସ୍ତ ଦସ୍ତାବିଜ ଉକ୍ତ ବୈଠକରେ ଉପସ୍ଥାପନ କରିବା ଲାଗି ପ୍ରସ୍ତାବ ଗୃହୀତ ହୋଇଛି। ଆଲୋଚନା ହୋଇଥିବା ପ୍ରସ୍ତାବ ସମ୍ବଳିତ ଏକ ଦାବିପତ୍ର ବୁଧବାର ଜିଲାପାଳଙ୍କୁ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ଓକିଲ ସଂଘ ସଭାପତି ସଞ୍ଜୟ ମିଶ୍ର, ଉପସଭାପତି ପୁଷ୍ପକ ତ୍ରିପାଠୀ, ସମ୍ପାଦକ ଟଙ୍କଧର ବେହେରା, ପୂର୍ବତନ ସଭାପତି ଶିବସାଇ ମହାପାତ୍ର, ପୂର୍ବତନ ସମ୍ପାଦକ ଗୋପାଳ ଚନ୍ଦ୍ର ପାତ୍ର, କାର୍ଯ୍ୟକାରୀ ସଦସ୍ୟ ମଳୟ ପାଣିଗ୍ରାହୀ, ଶକ୍ତିକେଶରୀ ଦେବ, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକ, ସମ୍ପାଦକ ସତ୍ୟସ୍ୱରୂପ ଦାସ, ବାଣିଜ୍ୟ ସଂଘ ସଭାପତି ରାଜେନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ବିନୋଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ମା' ଝାରି କୁଆଁଦେଈଙ୍କ ବାର୍ଷିକ ଯାତ୍ରା

**୫୦୦୦ ଶ୍ରଦ୍ଧାଳୁଙ୍କ ସମାଗମ**

ଛେଣ୍ଡିପଦା,୧୬।୪(ସ୍ୱ.ପ୍ର)



ମାନସିକଧାରୀମାନେ ଅଧିଆ ପଡ଼ିଛନ୍ତି।

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଚାଙ୍ଗୁଡ଼ିଆ ପଞ୍ଚାୟତ ବଡ଼ବେରେଣା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଝାରି କୁଆଁଦେଈ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ଅନୁଷ୍ଠିତ ହୋଇଛି। ପୀଠ ପରିଚାଳନା କମିଟି ସଭାପତି ରଞ୍ଜନ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟପୂଜକ ଇନ୍ଦ୍ରମଣି ମହାପାତ୍ରଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ମଧ୍ୟାହ୍ନରେ ପୂଜା ଆରମ୍ଭ ହୋଇଥିଲା। ଏଥିପୂର୍ବରୁ ଠାକୁରାଣୀଙ୍କ ଆଲମ ଗ୍ରାମ ପରିକ୍ରମା କରି ପୀଠସ୍ଥଳରେ ପହଞ୍ଚିଥିଲା। ଆଖପାଖ ଅଞ୍ଚଳ ସମେତ ଦୂରଦୂରାନ୍ତରୁ ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବହୁ ମାନସିକଧାରୀ ମା'ଙ୍କ ନିକଟରେ ଅଧିଆ ପଡ଼ିଥିବାବେଳେ ଛୋଟ ଶିଶୁଙ୍କର ମୁଣ୍ଡନ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ବଡବେରେଣା ଗ୍ରାମ୍ୟ କ୍ଲବ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଛେଣ୍ଡିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲାପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ, ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି ପ୍ରମୁଖ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

